ଧରିତ୍ରୀ
DHARITRI
ଭୁବନେଶ୍ୱର,ମଙ୍ଗଳବାର, ୨୫ ଏପ୍ରିଲ ୨୦୨୩



# ଟଙ୍କା, ପ୍ରେମ ପ୍ରମୁଖ କାରଣ

- ପ୍ରକାଶ ବେହେରା ହତ୍ୟା ରହସ୍ୟ ଉପରୁ ପରଦା ହଟିଲା
- ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ୨ ଜଣ
- ଯୋଜନାରେ ସାମିଲ ଥିବାରୁ ଅଭିଯୁକ୍ତଙ୍କ ପ୍ରେମିକା ଗିରଫ
- ମୃତକଙ୍କ ସୁନା ଚେନ ରଖିଥିବା ମହିଳା ଗିରଫ


ଅଭିଯୁକ୍ତଙ୍କୁ ପୋଲିସ ଗାଡ଼ି ଭିତରକୁ ନେଉଛି।

**ଅନୁଗୋଳ ଅଫିସ, ୨୪।୪**

ଚୋରା ମଦ ବ୍ୟବସାୟରୁ ମିଳିଥିବା ଲାଭ ଟଙ୍କା ନ ଦେବା ଓ ସହଯୋଗୀଙ୍କ ବାନ୍ଧବୀଙ୍କୁ ପ୍ରେମ ହିଁ ଅନୁଗୋଳ ଥାନା ହୁଲୁରୁସିଂହାର ପ୍ରକାଶ ବେହେରା (୩୮)ଙ୍କ ହତ୍ୟାର ପ୍ରମୁଖ କାରଣ। ଅନୁଗୋଳ ଥାନା ପୋଲିସ ସୋମବାର ଏକ ଖବରଦାତା ସମ୍ମିଳନୀରେ ଏପରି ତଥ୍ୟ ରଖିବା ସହ ଏହି ବହୁ ଚର୍ଚ୍ଚିତ ହତ୍ୟା ଘଟଣା ଉପରୁ ପରଦା ଉଠାଇଛି। ଏଥିସହ ହତ୍ୟାକାଣ୍ଡ ଘଟାଇଥିବା ମୁଖ୍ୟ ଅଭିଯୁକ୍ତ ତଥା ପ୍ରକାଶର ବ୍ୟବସାୟିକ ସହଯୋଗୀ ଘାଷିସାହିର ବାବୁ ଓରଫ କରନ୍ ମୁଖୀ(୨୧) ଓ ବାବୁଙ୍କୁ ସହାୟତା କରିଥିବା ଘାଷିସାହିର କାହ୍ନୁ ମୁଖୀ(୨୩)ଙ୍କୁ ଗିରଫ କରିଛି। ହତ୍ୟା ଯୋଜନା ବିଷୟରେ ଜାଣିଥିବା ଓ ସେଥିରେ ସାମିଲ ଥିବା ଅଭିଯୋଗରେ ବାବୁଙ୍କ ବାନ୍ଧବୀ (ପ୍ରେମିକା) ଏବଂ ମୃତ ପ୍ରକାଶଙ୍କ ସୁନା ଚେନ୍ ରଖିଥିବାରୁ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୫ଟି ମୋବାଇଲ, ଗୋଟିଏ ସୁନା ଚେନ୍ ଓ ହତ୍ୟାରେ ବ୍ୟବହୃତ ଛୁରି, କଟୁରିକୁ ଜବତ କରାଯାଇଥିବା ଅନୁଗୋଳ ଆଡିଶନାଲ ଏସ୍‌ପି ସୁରେଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରମାକାନ୍ତ ମାହାଳିକ, ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ଉପସ୍ଥିତ ଥିଲେ।

ପୋଲିସ କହିଛି, ହୁଲୁରୁସିଂହାର ପ୍ରକାଶଙ୍କୁ ଗତ ଶୁକ୍ରବାର ରାତିରେ ଘାଷିସାହି ଖେଳପଡ଼ିଆଠାରେ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା କରାଯାଇଥିଲା। ଏ ନେଇ ତାଙ୍କ ସ୍ତ୍ରୀ ରିଙ୍କି ବେହେରା ଥାନାରେ ଅଭିଯୋଗ କରିବା ପରେ ନଂ. ୨୦୦/୨୩ରେ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରାଯାଇଥିଲା। ପ୍ରକାଶଙ୍କ ମୋବାଇଲକୁ କେଉଁମାନେ କଲ୍ କରିଥିଲେ ସେଠାରୁ ହିଁ ଖୋଳତାଡ କରାଯାଇଥିଲା। କଲ୍ ଡିଟେଲ୍ସରୁ ମୁଖ୍ୟ ଅଭିଯୁକ୍ତ ବାବୁ ଓ ଜଣେ ମହିଳାଙ୍କ ଫୋନରୁ ମଧ୍ୟ କଲ୍ ଆସିଥିବା ଜଣାପଡ଼ିଥିଲା। ତାହାକୁ ଆଧାର କରି ତଦନ୍ତ ଆଗକୁ ବଢ଼ିଥିଲା। ପ୍ରଥମେ ବାବୁଙ୍କୁ ଥାନାକୁ ଆଣି ପଚରା ଉଚରା କରାଯାଇଥିଲା। ସେ ଏଥିରେ ସମ୍ପୃକ୍ତ ନ ଥିବା ପ୍ରଥମେ କହିଥିଲେ। ଅଧିକ ପଚରା ଉଚରା ପରେ ସେ ଏକା ଏହି ହତ୍ୟାକାଣ୍ଡ ଘଟାଇଥିବା କହିଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। କିନ୍ତୁ ରିମାଣ୍ଡରେ ଆଣି ଅଧିକ ଜେରା ପରେ ହତ୍ୟା ଘଟଣା ଉପରୁ ସମ୍ପୂର୍ଣ୍ଣ ପରଦା ଉଠିଥିଲା। ପ୍ରକାଶଙ୍କର ଏକ ବ୍ରଏଲର ପଏଣ୍ଟ ଥିଲେ ବି ସେ ଓ ବାବୁ ମିଶି ଚୋରା ମଦ ବ୍ୟବସାୟ କରୁଥିଲେ। ହେଲେ ଲାଭ ଟଙ୍କାକୁ ନେଇ ତିକ୍ତତା ଦେଖାଦେଇଥିଲା। ପ୍ରକାଶ ଲାଭ ଟଙ୍କା ବାବୁଙ୍କୁ ଦେଇ ନ ଥିଲେ। ବିଭିନ୍ନ ଆଳ ଦେଖାଇ ଦିନ ଗଡ଼ାଇ ଚାଲିଥିଲେ। ଫଳରେ ବାବୁ ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଥିଲେ। ଇତିମଧ୍ୟରେ ବାବୁଙ୍କ ବାନ୍ଧବୀଙ୍କ ସହ ପ୍ରକାଶଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ଏହା ବାବୁଙ୍କୁ ଆହୁରି ରକ୍ତମୁଖା କରିଦେଇଥିଲା। ଶୁକ୍ରବାର ରାତିରେ ବାବୁ କୌଣସି କଥା କହି ପ୍ରକାଶଙ୍କୁ ଘାଷିସାହି ଖେଳପଡ଼ିଆକୁ ଡାକିଥିଲେ। ସେଠାରେ ତାଙ୍କୁ ମୋବାଇଲରେ କିଛି ଦେଖାଇଥିଲେ। ପ୍ରକାଶ ମୋବାଇଲ ଦେଖିବା ସମୟରେ ବାବୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ପ୍ରକାଶ ଦୌଡ଼ି ଚାଲିଯିବାକୁ ବସିଥିବାବେଳେ ପୂର୍ବରୁ ଲୁଚି ରହିଥିବା ବାବୁଙ୍କ ସହଯୋଗୀ କାହ୍ନୁ ତାଙ୍କୁ ଆଉ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହାପରେ ବାବୁ ଓ କାହ୍ନୁ ଦୁହେଁ ମିଶି ଗୋଡ଼ାଇ ଗୋଡ଼ାଇ ହାଣି ଚାଲିଥିଲେ। ପ୍ରକାଶଙ୍କ ମୃତ୍ୟୁ ହୋଇଯିବା ପରେ ଦୁଇ ଅଭିଯୁକ୍ତ ବ୍ୟବହୃତ ଅସ୍ତ୍ରକୁ ଲିଙ୍ଗରା ନାଳରେ ଲୁଚାଇ ପଳାଇ ଯାଇଥିଲେ। କିଛି ସମୟ ପରେ ବାବୁ ଘଟଣାସ୍ଥଳକୁ ଆସି ଅନ୍ୟମାନଙ୍କ ପରି ପ୍ରକାଶଙ୍କ ମୃତଦେହ ଦେଖିଥିଲେ। ବାବୁ ଧରାପଡ଼ିବା ପରେ ପ୍ରକାଶଙ୍କ ସୁନା ଚେନ୍ ଜଣେ ମହିଳାଙ୍କ ନିକଟରେ ଲୁଚାଇଥିବା ପୋଲିସକୁ କହିଥିଲେ। ପୋଲିସ ଉକ୍ତ ସୁନା ଚେନ୍ ଜବତ କରିବା ସହ ସମ୍ପୃକ୍ତା ମହିଳାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ବାନ୍ଧବୀ ହତ୍ୟା ଯୋଜନା ସମ୍ପର୍କରେ ଅବଗତ ରହିବା ସହ ସେଥିରେ ସାମିଲ ଥିବାରୁ ତାଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଘଟଣାର ତଦନ୍ତ ଏସ୍‌ଆଇ ଶଶିଭୂଷଣ ବେହେରାଙ୍କୁ ପ୍ରଦାନ କରାଯାଇଥିବା ପୋଲିସ ପ୍ରକାଶ କରିଛି।


ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ।

### ଖେଳ ପଡ଼ିଆକୁ ଦେହଜୀବୀଙ୍କୁ ଅଣାଯାଉଥିଲା

ହୁଲୁରୁସିଂହା ଘାଷିସାହିର ଖେଳ ପଡ଼ିଆକୁ ବାବୁ ମୁଖୀ ଓ ପ୍ରକାଶ ବେହେରା ଅନେକ ସମୟରେ ଦେହଜୀବୀଙ୍କୁ ଆଣୁଥିଲେ। ଏ ବାବଦରେ ହେଉଥିବା ଖର୍ଚ୍ଚ ବାବୁ ବହନ କରୁଥିଲେ। ପ୍ରକାଶଙ୍କ ହତ୍ୟାକାଣ୍ଡ ଦିନ ମଧ୍ୟ ଜଣେ ଦେହଜୀବୀଙ୍କୁ ଅଣାଯିବାର ଯୋଜନା ହୋଇଥିଲା। କିନ୍ତୁ ଦେହଜୀବୀ ଜଣକ ଆସିବାରେ ବିଳମ୍ବ ହେବାରୁ ତାଙ୍କୁ ମନା କରିଦିଆଯାଇଥିଲା। ଏହାପରେ ପ୍ରକାଶଙ୍କୁ ହାଣି ବାବୁ ଓ କାହ୍ନୁ ମୁଖୀ ହତ୍ୟା କରିଥିବା ପୋଲିସ ତଥ୍ୟରୁ ଜଣାପନିଛି।

### ଅଭିଯୁକ୍ତଙ୍କ ବ୍ୟବହାର ଥିଲା ସ୍ୱାଭାବିକ

ହତ୍ୟାଘଟଣା ପରେ ମୁଖ୍ୟ ଅଭିଯୁକ୍ତ ବାବୁ ମୁଖୀଙ୍କ ବ୍ୟବହାର ସ୍ୱାଭାବିକ ଥିଲା। ସାଧାରଣ ଲୋକଙ୍କ ଭଳି ସେ ହତ୍ୟାସ୍ଥଳକୁ ଯାଇ ପୋଲିସର ତଦନ୍ତ ଦେଖିଥିଲେ। ଘଟଣାସ୍ଥଳରୁ ଟିକିନିଖି ତଥ୍ୟ ତାଙ୍କ ପ୍ରେମିକାଙ୍କୁ ଫୋନ୍ ମାଧ୍ୟମରେ ଜଣାଉଥିଲେ। ସେଠାରୁ ଫେରି କିଛି ନ ଜାଣିବା ପରି ଘରେ ରହିଥିଲେ। କିନ୍ତୁ ଅନ୍ୟତମ ଅଭିଯୁକ୍ତ କାହ୍ନୁ ଭୟରେ ଘଟଣାସ୍ଥଳକୁ ଆସି ନ ଥିଲେ।

### ହତ୍ୟା କରିବା ପୂର୍ବରୁ ଖାଇଥିଲେ ନିଶା ବଟିକା

ପ୍ରକାଶଙ୍କୁ ହତ୍ୟା କରିବା ପୂର୍ବରୁ ୨ ଅଭିଯୁକ୍ତ ବାବୁ ଓ କାହ୍ନୁ ନିଶା ବଟିକା ଖାଇଥିଲେ। ଏହାକୁ ଖାଇବା ପରେ ଦୁହିଁଙ୍କୁ ନିଶା ଚଢ଼ିଯାଇଥିଲା। ସେମାନେ କେଉଁଠାରୁ ଏହି ନିଶା ବଟିକା ଆଣୁଥିଲେ ତାହା ଜଣାପଡ଼ି ନ ଥିବାବେଳେ ନିୟମିତ ନିଶା ସେବନ କରୁଥିବା ଜଣାପଡ଼ିଛି।

### ଲକ୍‌ଡାଉନ୍ ବଢ଼ାଇଥିଲା ବନ୍ଧୁତା

ଲକ୍‌ଡାଉନ ସମୟରେ ପ୍ରକାଶ ଓ ବାବୁଙ୍କ ମଧ୍ୟରେ ବନ୍ଧୁତା ଗଢ଼ି ଉଠିଥିଲା। ବିଭିନ୍ନ ସ୍ଥାନରୁ ସେମାନେ ଚୋରାରେ ମଦ ଆଣି ବ୍ୟବସାୟ କରୁଥିଲେ। ଭଲ ଲାଭ ହେଉଥିଲା। କିନ୍ତୁ ଶେଷ ଆଡ଼କୁ ଲାଭ ଟଙ୍କା ପ୍ରକାଶ ବାବୁଙ୍କୁ ଦେଇ ନ ଥିଲେ। ପାଖାପାଖି ୫୦ ହଜାର ଟଙ୍କା ବାବୁ ପାଇବାକୁ ଥିବାବେଳେ ପ୍ରକାଶ ବିଭିନ୍ନ ଆଳ ଦେଖାଇ ତାଙ୍କୁ ତାହା ଦେଉ ନ ଥିଲେ।


ପୋଲିସ ଜବତ କରିଥିବା କଟୁରି, ଛୁରି, ସୁନା ଚେନ ଓ ୫ଟି ମୋବାଇଲ।

## ସଂକ୍ଷେପରେ

### କୋଠ ଘରକୁ ନେଇ ମୁହାଁମୁହିଁ

**ପାଲଲହଡା, ୨୪।୪ (ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡା ବ୍ଲକ ନିଜିଗଡ଼ ପଞ୍ଚାୟତ ସାମନ୍ତ ସାହିଠାରେ ଥିବା ଏକ କୋଠ ଘରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ସାମନ୍ତ ସାହିର କେତେଜଣ ବ୍ୟକ୍ତି ଉକ୍ତ କୋଠ ଘରକୁ ତାଲା ପକାଇ ନିଜ କବ୍ଜାରେ ରଖିଥିବା ସୋମବାର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଗ୍ରାମର ଶତାଧିକ ମହିଳା ପୁରୁଷ ଦର୍ଶାଇଛନ୍ତି, ଉକ୍ତ କୋଠ ଘରକୁ କବ୍ଜା କରାଯାଇଥିବାରୁ ଆବଶ୍ୟକ ବେଳେ ସାହି ବାସିନ୍ଦା ସେଥିରୁ ଲାଭ ପାଇ ପାରୁନାହାନ୍ତି। ସାହିର କୌଣସି ବୈଠକ କିମ୍ବା ଅନୁଷ୍ଠାନିକ କାର୍ଯ୍ୟକ୍ରମ ଗଛ ମୂଳେ କିମ୍ବା ଆଉ କାହା ଘର ବାରଣ୍ଡାରେ କରାଯାଉଛି। ତୁରନ୍ତ ଏହାର ସମାଧାନ କରା ନ ଗଲେ ରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଉପଜିଲାପାଳ, ତହସିଲଦାର, ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

### ଡ୍ରେନ୍‌ରୁ ନବଜାତ ଶିଶୁ ଉଦ୍ଧାର

**ପାଲଲହଡା, ୨୪।୪ (ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡା ବସ୍‌ଷ୍ଟାଣ୍ଡ ପାଖ ଡ୍ରେନ୍ ଭିତରୁ ଏକ ନବଜାତ ଶିଶୁପୁତ୍ରକୁ ସୋମବାର ଉଦ୍ଧାର କରାଯାଇଛି। କେହି ନବଜାତ ଶିଶୁପୁତ୍ରଟିକୁ ଏଠାରେ ଫିଙ୍ଗିଦେଇ ପଳାଇଥିବା ସୂଚନା ମିଳିଛି। ତେବେ କାନ୍ଦ ଶୁଣି ସ୍ଥାନୀୟ ଯୁବକମାନେ ଶିଶୁଟିକୁ ଉଦ୍ଧାର କରି ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ପରେ ଶିଶୁପୁତ୍ରଟି ସୁସ୍ଥ ଥିବା ଡାକ୍ତର କହିଛନ୍ତି। ଶିଶୁଟିକୁ ଏପରି ପରିତ୍ୟକ୍ତ ଅବସ୍ଥାରେ କିଏ ଫିଙ୍ଗିଦେଇଥିଲେ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପୋଲିସ ଜନୈକା ବିଧବାଙ୍କୁ ଠାବ କରି ପାଲଲହଡା ମେଡିକାଲ ନେଇଥିବା ସୂଚନା ମିଳିଛି। ଘଟଣାର ଅଧିକ ତଦନ୍ତ କରାଯାଉଥିବା ପୋଲିସ ପ୍ରକାଶ କରିଛି।

# ଦୁର୍ଘଟଣାରେ ଯୁବକ ଗୁରୁତର

**ଛେଣ୍ଡିପଦା, ୨୪।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ବଗଡିଆ ଥାନା ବାସନ୍ତପୁର ଗ୍ରାମ ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ବାଇକ ଚାଳକ ଭାରସାମ୍ୟ ହରାଇ ଅନ୍ୟ ଗାଡ଼ିକୁ ଧକ୍କା ଦେବା ସହ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ହଣ୍ଡପା ଥାନା ଆମ୍ବମୁଣ୍ଡା ଦେହୁରୀସାହିର ଭମର ନାଏକ ବଗଡିଆ ଥାନା ବାସନ୍ତପୁର ଗ୍ରାମ ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ। ସେଠାରୁ ନିଜ ଘରକୁ ଫେରୁଥିବା ବେଳେ ଏକ ଟାଟା ଏସିଇ ଗାଡି ଓ ବାଇକ୍‌କୁ ଧକ୍କା ଦେଇ ଖସି ପଡ଼ିଥିଲେ। ଖବର ପାଇ ଶ୍ୱଶୁର ଘର ଲୋକମାନେ ପହଞ୍ଚି ଗୁରୁତର ଭମରଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

# ଆମ ପୋଲିସ ସମିତି ବୈଠକ

**ମାଧପୁର,୨୪।୪**

କିଆକଟା ଥାନା କିଆକଟା ପଞ୍ଚାୟତ ସଭାଗୃହଠାରେ ସୋମବାର କିଆକଟା ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଏଏସ୍‌ଆଇ ନବୀନ ଶତପଥୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରତ୍ନାକର ନାୟକ, ଏମବିକେ ସସ୍ମିତା ବିଶ୍ୱାଳ, ସାମାଜିକ କର୍ମୀ ସୁମନ୍ତ ପ୍ରଧାନ, ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ, ବରିଷ୍ଠ ସଦସ୍ୟ, ଏବଂ ନେତୃସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ। ପୋଲିସ ସହିତ ଜନସାଧାରଣଙ୍କ ଉତ୍ତମ ବୁଝାମଣା ରହିଲେ ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣାଧୀନ ରହିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।



# କଂସମୁଣ୍ଡାରେ ଭାଜପାର ଗାଁକୁ ଚାଲ ଅଭିଯାନ


କଂସମୁଣ୍ଡା ଗ୍ରାମରେ ଭାଜପା କର୍ମକର୍ତ୍ତା ଓ କର୍ମୀମାନେ ସଚେତନ କରୁଛନ୍ତି।

**କଣିହାଁ,୨୪।୪(ଡି.ଏନ.ଏ)**

ଭାଜପା ପକ୍ଷରୁ ଗାଁକୁ ଚାଲ ଅଭିଯାନ ଓ ଓବିସି ମୋର୍ଚ୍ଚା ପକ୍ଷରୁ ଅନୁଗୋଳରୁ ବାହାରିଥିବା ଜନ ଜାଗରଣ ରଥ ସୋମବାର ତାଳଚେର ନିର୍ବାଚନ ମଣ୍ଡଳୀ କଂସମୁଣ୍ଡା ଗ୍ରାମରେ ପହଞ୍ଚିଛି। ଏହାକୁ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଭବ୍ୟ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଯୋଗଦେଇ ରାଜ୍ୟରେ ଥିବା ବିଜେଡି ସରକାର ଓବିସି ବିରୋଧୀ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣିହାଁ ମଣ୍ଡଳ ଭାଜପା ସଭାପତି ଦେବେନ୍ଦ୍ର ବାରିକ, ରାଜ୍ୟ ବାରିକ ସମାଜ ନେତା ସୁବୋଧ ବାରିକ, ଯାଦବ ନେତା ମନୋଜ ଶୁକ୍ଳା, ଗୁଡ଼ିଆ ସମାଜ ନେତା ଜ୍ୟୋତି ସାହୁ, ରାଜ୍ୟ ସଂଯୋଜକ ବିବେକାନନ୍ଦ ସାହୁ, ଜିଲା କୃଷକ ମୋର୍ଚ୍ଚା ଉପ ସଭାପତି ଶୁଶାନ୍ତ ସାମଲ, ପୂର୍ବତନ ସରପଞ୍ଚ ଲୋକନାଥ ସାହୁ, ମଣ୍ଡଳ ଓବିସି ସଭାପତି ମନମୋହନ ସାହୁ, କଣିହାଁ ସରପଞ୍ଚ ରଞ୍ଜିତା ବେହେରା, ଜରଡା ସମିତି ସଭ୍ୟ ଦିପ୍ତିମୟୀ ମହାନ୍ତି, ପ୍ରାକ୍ତନ ଜିଲାପରିଷଦ ସଭ୍ୟା ଅଳକା ସାହୁ, କର୍ଣ୍ଣ ଭୁଟିଆ, ରମେଶ ସାମଲ, ମୂଳିଆ ପରିଡ଼ା, ସୌଭାଗ୍ୟ ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

# ରେଳ ରେକ୍ ମାଧ୍ୟମରେ ଫ୍ଲାଏଆଶ୍ ଉଠାଇବାକୁ ଆମନ୍ତ୍ରଣ

**କଣିହାଁ/ତାଳଚେର,୨୪।୪**

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ପକ୍ଷରୁ ଏହାର ଫ୍ଲାଏ ଆଶ୍ (ପାଉଁଶ) ସ୍ଥାନାନ୍ତର ପାଇଁ ପଦକ୍ଷେପ ନିଆଯାଇଛି। ପାୱାର ଷ୍ଟେଶନ ସହିତ ସଂଲଗ୍ନ ରେଳ ରେକ୍ ମାଧ୍ୟମରେ ସାଇଲୋ ଜରିଆରେ ଏହି ଫ୍ଲାଏ ଆଶ୍ ଉଠାଇବା ପାଇଁ ଶେଷ ଉପଭୋକ୍ତାମାନଙ୍କ ଠାରୁ ଏକ୍ସପ୍ରେଶନ ଅଫ୍ ଇଣ୍ଟ୍ରେଷ୍ଟ(ଇଓଇ) ଆମନ୍ତ୍ରଣ କରାଯାଇଛି। ପୂର୍ବ ଭାରତର ସବୁଠାରୁ ବଡ଼ ୩୦୧୦ ମେଗାୱାଟ (୧୦ ମେଗାୱାଟ ସୌର ଶକ୍ତି ଅନ୍ତର୍ଭୁକ୍ତ) ବିଶିଷ୍ଟ ଏହି ସୁପର ଥର୍ମାଲ ପାୱାର ଷ୍ଟେଶନର ଷ୍ଟେଜ୍ ୧୧ର ୬ଟି ସାଇଲୋରୁ ପ୍ରାୟ ୨୦ ଏଲ୍‌ଏମ୍‌ଟି କଣ୍ଡିଶନ ଫ୍ଲାଏ ପାଉଁଶକୁ ବିଡରଙ୍କ ନିକଟରେ ଅପଲୋଡ କରିବାକୁ ଅଫର ଦିଆଯାଇଛି। ଏହି ସାଇଲୋ ରେଳପଥ ଦ୍ୱାରା ସିଧାସଳଖ ସଂଯୁକ୍ତ। ଏହି ପାୱାର ଷ୍ଟେଶନ ପୂର୍ବରୁ ୩ଟି ବକ୍ସନ ରେକ ଜରିଆରେ ଏମ୍/ଏସ୍ ଡାଲମିଆ ସିମେଣ୍ଟ ଭାରତକୁ ଫ୍ଲାଏ ପାଉଁଶ ପଠାଇଛି। ଫ୍ଲାଏ ପାଉଁଶର ଉପଭୋକ୍ତାମାନଙ୍କ ମଧ୍ୟରେ ସିମେଣ୍ଟ, ଆଜବେଷ୍ଟସ ଇଣ୍ଡଷ୍ଟ୍ରି, ଆଶ୍ ଆଧାରିତ ଉତ୍ପାଦ ନିର୍ମାତା, ବ୍ୟବସାୟୀ ଅନ୍ତର୍ଭୁକ୍ତ ରହିଛନ୍ତି। ଏନ୍‌ଟିପିସି କଣିହାଁ ଏହାର ୟୁନିଟ୍‌ରୁ କଣ୍ଡିଶନ ଫ୍ଲାଏ ପାଉଁଶ ସଂଗ୍ରହ କରିବା ପାଇଁ ୧୪ଟି ସାଇଲୋ ସ୍ଥାପନ କରିଛି। ସେଥିମଧ୍ୟରୁ ୬ଟି ସାଇଲୋ ରେଳପଥ ସହିତ ସଂଯୁକ୍ତ, ଯାହାକି ଆଶା କରାଯାଉଥିବା ବିଡରଙ୍କ ଦ୍ୱାରା ସଂଗୃହିତ ଫ୍ଲାଏ ପାଉଁଶକୁ ଦେଶର ଯେ କୌଣସି ସ୍ଥାନକୁ ପରିବହନ କରିପାରିବ। ଏହି ରେକ୍ ପାଇଁ ରେଳବାଇ ସହିତ ସମନ୍ୱୟ ରକ୍ଷା କରିବା ତଥା ରେଳ ମାଲ ପରିବହନ ଏବଂ ତାର୍ପୋଲିନ ଆବରଣର ମୂଲ୍ୟ ବିଡରମାନେ ବହନ କରିବେ। ଫ୍ଲାଏ ପାଉଁଶର ବହୁଳ ପରିବହନ ଶେଷ ବ୍ୟବହାରକାରୀଙ୍କ ଆବଶ୍ୟକତାକୁ ବହୁ ପରିମାଣରେ ପୂରଣ କରିବ ଏବଂ ସେହି ସମୟରେ ପାୱାର ପ୍ଲାଣ୍ଟରୁ ଫ୍ଲାଏ ପାଉଁଶ ନିର୍ବାହକୁ ସୁଗମ କରିବ ବୋଲି ଆଶା କରାଯାଏ। ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ବାହାରୁଥିବା ପାଉଁଶର ପ୍ରାୟ ୮୦%କୁ ଆଶ୍‌ଭିତ୍ତିକ ଉତ୍ପାଦ ନିର୍ମାତା, ସିମେଣ୍ଟ ଏବଂ ଆଜବେଷ୍ଟସ ଶିଳ୍ପ ବ୍ୟବହାର କରିପାରିବେ। ଅବଶିଷ୍ଟ ୨୦% ତଳ ପାଉଁଶ ନିମ୍ନସ୍ଥାନ ଫିଲିଂ, ନିର୍ମାଣ ଶିଳ୍ପ, ଉଚ୍ଚତା ବୃଦ୍ଧି, ରାସ୍ତା ସମ୍ପ୍ରସାରଣ ପାଇଁ ଉପଯୋଗୀ ବୋଲି ଏନ୍‌ଟିପିସି ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ଅବ୍ୟବସ୍ଥା ଘେରରେ ବ୍ୟାଙ୍କ ଶାଖା

**କଣିହାଁ,୨୪।୪(ଡି.ଏନ.ଏ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆର ରେଙ୍ଗାଳି ଶାଖାର ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ଅଭିଯୋଗ ହେଉଛି। ପୂର୍ବରୁ ଏହି ଶାଖା କାର୍ଯ୍ୟାଳୟ ରେଙ୍ଗାଳି ବନ୍ଧ ଯୋଜନାର ପ୍ରାଶାସନିକ ଭବନରେ ଦୀର୍ଘ ୪୫ ବର୍ଷ ହେବ ଚାଲିଆସୁଥିଲା। ସେଠାରେ ସମସ୍ତ ସୁବିଧା ସୁଯୋଗ ଥିବା ସତ୍ତ୍ୱେ ଦୁଇ ବର୍ଷ ହେବ ବ୍ୟାଙ୍କ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିଲା। ହେଲେ ଏବେ ବ୍ୟାଙ୍କ ଚାଲୁଥିବା ଘରଟି ଉପର ମହଲାରେ ହୋଇଥିବାରୁ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନେ ସେବା ପାଇବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଘଣ୍ଟା ଘଣ୍ଟା ଖରାରେ ଅପେକ୍ଷା କଲା ପରେ ଯାଇ କାର୍ଯ୍ୟ ହେଉଛି।

ସେହିପରି ପିଇବା ପାଇଁ ଆବଶ୍ୟକ ପାଣି ଓ ବ୍ୟାଙ୍କ ପରିସରରେ କୌଣସି ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ଉପଭୋକ୍ତାମାନେ ଅସୁବିଧାର ଭୋଗୁଛନ୍ତି। ବ୍ୟାଙ୍କ ସମ୍ମୁଖ ରାସ୍ତା ଠିକ୍ ନ ଥିବାରୁ ଭିନ୍ନକ୍ଷମମାନେ ଆସୁଥିବା ତିନିଚକିଆ ସାଇକେଲ ସେଠାକୁ ଯାଇପାରୁ ନାହିଁ। ଅସରାଏ ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ଯିବା ଆସିବାରେ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଖପାଖ ଦୋକାନୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଏ ନେଇ ଶାଖା ପରିଚାଳକ ଅବିନାଶ ତ୍ରିପାଠୀ କହିଛନ୍ତି, ବ୍ୟାଙ୍କ ୨ ବର୍ଷ ପୂର୍ବରୁ ଉଠିସାରିଛି। ଏଟିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ଏବଂ ନେଟୱାର୍କ ସମସ୍ୟା ପାଇଁ ଅସୁବିଧା ହେଉଛି। ବରିଷ୍ଠ ନାଗରିକମାନଙ୍କୁ ସବୁବେଳେ ସେବା ଯୋଗାଇ ଦିଆଯାଉଛି।



# ଧର୍ମ ପରିବର୍ତ୍ତନ ଦାବି, ପ୍ରଶାସନ ନିକଟରେ ଅଭିଯୋଗ

**ଅନୁଗୋଳ ଅଫିସ, ୨୪।୪**

ଧର୍ମ ପରିବର୍ତ୍ତନ ନ କଲେ ଶାଶୁ ଘରକୁ ଯିବିନାହିଁ। ୨ ମାସ ତଳେ ବିବାହ କରିଥିବା ଜଣେ ନବବଧୂର ଏଭଳି ଅଜବ ଜିଦ୍‌କୁ ନେଇ ଅଡୁଆରେ ପଡ଼ିଛନ୍ତି ଅନୁଗୋଳ ଜିଲା ଜରପଡ଼ା ଥାନା ଅଞ୍ଚଳର ଶାଶୁଘର ଲୋକେ। ଶେଷରେ ନିରୁପାୟ ହୋଇ ଶ୍ୱଶୁର ଅନୁଗୋଳ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି। ସମସ୍ୟାର ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି। ନବବଧୂଙ୍କ ଶ୍ୱଶୁର ଅଭିଯୋଗରେ ଦର୍ଶାଇଛନ୍ତି, ଗତ ଫେବୃୟାରୀ ୧୫ରେ ଅନୁଗୋଳ ଥାନା ଅଞ୍ଚଳରେ ତାଙ୍କ ପୁଅଙ୍କୁ ବିବାହ କରାଇଥିଲେ। ବିବାହର ୧୫ ଦିନ ପର୍ଯ୍ୟନ୍ତ ନବଦମ୍ପତିଙ୍କ ପାରିବାରିକ ଜୀବନ ଭଲରେ ଚାଲିଥିଲା। ଏହାପରେ ବୋହୂଙ୍କୁ ତାଙ୍କ ବାପଘର ଲୋକେ ଡାକି ନେଇଥିଲେ। ହେଲେ ସେଠାରୁ ବୋହୂ ଫେରିବା ପରେ ପୁଅ ସହ ସମ୍ପର୍କ ରଖିବାକୁ ମନା କରିଥିଲେ। ଏପରି କି ଧର୍ମ ପରିବର୍ତ୍ତନ ନ କଲେ ସେ ସମ୍ପର୍କ ରଖିବେ ନାହିଁ ବୋଲି କହିଥିଲେ। ବୋହୂଙ୍କ ବାପ ଘର ଲୋକେ ମଧ୍ୟ ଏହାକୁ ସମର୍ଥନ କରୁଛନ୍ତି। ଧର୍ମ ପରିବର୍ତ୍ତନ ନ କଲେ ତାଙ୍କ ଝିଅଙ୍କୁ ଅନ୍ୟତ୍ର ବିବାହ କରିଦେବେ ବୋଲି ଧମକାଉଥିବା ଶ୍ୱଶୁର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି।

# ତ୍ରିପାକ୍ଷିକ ବୈଠକରେ ହେବ ନିଷ୍ପତ୍ତି

- ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ 'ଆମ ହସ୍ପିଟାଲ'ରେ ସାମିଲ ଦାବି
- ୭ ମୌଜାର ଗ୍ରାମବାସୀଙ୍କ ସହ ଉପଜିଲାପାଳଙ୍କ ଆଲୋଚନା
- ଦିନକ ପାଇଁ ଅର୍ଥନୈତିକ ଅବରୋଧ ସ୍ଥଗିତ


୭ ମୌଜାର ପ୍ରତିନିଧିମାନଙ୍କ ସହ ଉପଜିଲାପାଳ ଆଲୋଚନା କରୁଛନ୍ତି।

**ଛେଣ୍ଡିପଦା, ୨୪।୪ (ସ୍ୱ.ପ୍ର.)**

ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରଙ୍କ ଆମ ହସ୍ପିଟାଲ ଯୋଜନାରେ ସାମିଲ ଦାବି ନେଇ ୭ ମୌଜାର ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାର ଠାରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିବା ବେଳେ ୨୫ ତାରିଖ ମଙ୍ଗଳବାରଠାରୁ ଛେଣ୍ଡିପଦା ଅଞ୍ଚଳରେ ଅର୍ଥନୈତିକ ଅବରୋଧ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିଲା। ହେଲେ ସୋମବାର ସନ୍ଧ୍ୟାରେ ଅନୁଗୋଳ ଉପଜିଲାପାଳ ବୈଦ୍ୟୁର ଦୀପ ପହଞ୍ଚି ଆଲୋଚନା କରିବା ସହ ମଙ୍ଗଳବାର ଏ ନେଇ ଅନୁଗୋଳରେ ଏକ ତ୍ରିପାକ୍ଷିକ ବୈଠକ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଗ୍ରାମବାସୀ ଅର୍ଥନୈତିକ ଅବରୋଧ ଆନ୍ଦୋଳନକୁ ଦିନକ ପାଇଁ ସ୍ଥଗିତ ରଖିଥିବା ସୂଚନା ମିଳିଛି।

ଗ୍ରାମବାସୀ କହିଛନ୍ତି, ଛେଣ୍ଡିପଦା ସଦର ମହକୁମାରେ ଥିବା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ବାଚନମଣ୍ଡଳୀର ସର୍ବାଧିକ ଲୋକ ନିର୍ଭର କରନ୍ତି। ଏହା ଛେଣ୍ଡିପଦାର ସବୁଠାରୁ ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଆମ ହସ୍ପିଟାଲ ଯୋଜନାରେ ସାମିଲ ହେବାକୁ ଏହା ସମସ୍ତ ଆବଶ୍ୟକତା ପୂରଣ କରୁଥିବା ବେଳେ ପ୍ରସ୍ତୁତି ମଧ୍ୟ ହୋଇସାରିଛି। ହେଲେ ରାତିଅଧିଆ ଏହି ଯୋଜନାରୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବାଦ୍ ଦିଆଗଲା। ଛେଣ୍ଡିପଦା ସଦର ମହକୁମା ପ୍ରତି ଏପରି ବୈମାତୃକ ମନୋଭାବ ସମ୍ପର୍କରେ ତହସିଲଦାରଙ୍କ ଠାରୁ ଆରମ୍ଭ କରି ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରାଯାଇଛି। ୫ ଦିନ ଧରି ଧାରଣା ଜାରି ରହିଛି। ସୋମବାର ଏକ ବୈଠକରେ ଗ୍ରାମବାସୀ ଉପସ୍ଥିତ ରହି ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରିବାକୁ ପ୍ରସ୍ତୁତି କରିଥିଲେ। ଚେତାବନୀ ସମ୍ପର୍କରେ ଗତ ଶୁକ୍ରବାରଠାରୁ ଜିଲାପାଳଙ୍କୁ ଅବଗତ କରାଯାଇଥିବାରୁ ୨୫ ତାରିଖରୁ ଉକ୍ତ ଆନ୍ଦୋଳନ କରାଯିବାକୁ ସ୍ଥିର କରାଯାଇଥିଲା। ହେଲେ ଉପଜିଲାପାଳ ପହଞ୍ଚି ଅନୁଗୋଳରେ ଗ୍ରାମବାସୀଙ୍କୁ ନେଇ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିବାରୁ ଦିନକ ପାଇଁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଉକ୍ତ ବୈଠକର ନିଷ୍ପତ୍ତି ଜଣାପଡ଼ିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ଅପରପକ୍ଷରେ ଉପଜିଲାପାଳ ଦୀପ କହିଛନ୍ତି, କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସୁବିଧା ସୁଯୋଗ ଠାରୁ ଅଧିକ ସୁବିଧା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦିଆଯିବା ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଥିଲା। ହେଲେ ଗ୍ରାମବାସୀ ଅରାଜି ହେବାରୁ ଏ ନେଇ ୨୫ ତାରିଖରେ ଅନୁଗୋଳରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ବାଇକ୍‌କୁ ଧକ୍କା ଦେଲା ଗାଡ଼ି
## ପୁଅ ସମ୍ମୁଖରେ ଚାଲିଗଲା ବାପା ଜୀବନ

**କାମାକ୍ଷାନଗର, ୨୪।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଅନ୍ତର୍ଗତ ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ଶାଳୁଆ ଛକ ନିକଟର ସୋମବାର ମଧାହ୍ନରେ ଏକ ଦୁଃଖଦ ଦୁର୍ଘଟଣା ଘଟିଛି। ଏକ ଗାଡ଼ି ଧକ୍କାରେ ପୁଅ ସମ୍ମୁଖରେ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୋଗର ଗ୍ରାମର ଅକ୍ଷୟ ସାହୁ। ଗୁରୁତର ଅବସ୍ଥାରେ ପୁଅ ଆଶିଷ ସାହୁଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବାପ-ପୁଅ ଦୁହେଁ କୌଣସି କାର୍ଯ୍ୟରେ ବାଇକ୍‌ରେ ପଣ୍ଡୁଆ ବଜାରକୁ ଆସିଥିଲେ। କାମ ସାରି ଘରକୁ ଫେରିବା ବାଟରେ ତାଙ୍କୁ କୌଣସି ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଅଁଳାବେରେଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅକ୍ଷୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅକ୍ଷୟଙ୍କ ମୃତ୍ୟୁ ସୂଚନା ପହଞ୍ଚିବା ପରେ ସୋଗର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି।

# ଖୋଲୁଛି ପୁରୁଣା ପେଡ଼ି

■ଶିଥିଳ ପଡ଼ିଥିବା ଆପରାଧିକ ମାମଲାର ତଦନ୍ତ ନିର୍ଦ୍ଦେଶ
■ନିଶାଦ୍ରବ୍ୟ ଚାଲାଣ ରାକେଟ୍ ଚେର ଖୋଜିବାକୁ ବ୍ଲୁପ୍ରିଣ୍ଟ

**ଢେଙ୍କାନାଳ ଅଫିସ, ୨୪।୪**






“ଜିଲାରେ ୧୨-୧୩ଟି ମାମଲାର ପର୍ଦ୍ଦାଫାଶ ହୋଇପାରି ନାହିଁ। ସେସବୁକୁ ତାଲିକାଭୁକ୍ତ କରାଯାଇଛି। ଏହାର ଅନୁଧ୍ୟାନ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମାମଲାର ରହସ୍ୟ ଉନ୍ମୋଚନ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିଶାଦ୍ରବ୍ୟ ଚୋରାଚାଲାଣ ରାକେଟ୍ ଧରିବା ପାଇଁ ମଧ୍ୟ ଉଦ୍ୟମ ଚାଲିଛି।

**-ଜ୍ଞାନରଞ୍ଜନ ମହାପାତ୍ର, ଢେଙ୍କାନାଳ ଏସ୍‌ପି**

ବର୍ଷ ବର୍ଷ ଧରି ଥାନାରେ ଗଡୁଛି ମାମଲା। ଅଧିକାରୀ ବଦଳିଲେ ଥଣ୍ଡା ପଡ଼ିଯାଉଛି ତଦନ୍ତ। ନା ଅଭିଯୁକ୍ତ ଧରାପଡୁଛନ୍ତି ନା ପ୍ରସ୍ତୁତ ହୋଇପାରୁଛି ଫାଇନାଲ ରିପୋର୍ଟ। ଅପରାଧୀମାନେ ଖୋଲାଖୋଲି ବୁଲୁଛନ୍ତି। କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଯୋଗୁ ସେମାନେ ନୂଆ ଅପରାଧ ଘଟାଉଛନ୍ତି। ତେବେ ନିକଟରେ ଢେଙ୍କାନାଳ ଜିଲା ପୋଲିସର ନୂଆ ମୁଖିଆ ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କାର୍ଯ୍ୟରେ ଯୋଗଦେବା ପରେ ଅପରାଧ ଜଗତର ପୁରୁଣା ପେଡ଼ି ଖୋଲିବା ଆରମ୍ଭ ହୋଇଛି। ସପ୍ତାହକ ମଧ୍ୟରେ ୨ଟି ମାମଲାର ରହସ୍ୟ ଉନ୍ମୋଚିତ ହୋଇଥିବାବେଳେ ତାଲିକାରେ ଆହୁରି ୧୨ରୁ ଉର୍ଦ୍ଧ୍ୱ କେସ୍ ରହିଥିବା ଜଣାପଡ଼ିଛି।

ଢେଙ୍କାନାଳ ଜିଲାର ବିଭିନ୍ନ ଥାନାରେ ୧୫ବର୍ଷ ପୁରୁଣା ବହୁ ଆପରାଧିକ ମାମଲା ସେମିତି ପଡ଼ିଛି। ଠିକ୍ ଭାବେ ତଦନ୍ତ ହେଉ ନ ଥିବାରୁ ଅଭିଯୋଗକାରୀ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ପୋଲିସ ବିରୋଧୀ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ନିକଟରେ ଏସ୍‌ପି ମହାପାତ୍ର ଏହାର ସମୀକ୍ଷା କରିଛନ୍ତି। ଏଭଳି ଅବହେଳାକୁ ନେଇ ସେ ପ୍ରବଳ ବର୍ଷିବା ସହ ପୁରୁଣା ମାମଲାଗୁଡ଼ିକର ସମାଧାନ କରିବା ପାଇଁ ସେ ଥାନାଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ୨୦୧୬ ଏବଂ ୨୦୧୮ରେ ଘଟିଥିବା ଦୁଇଟି ମାମଲାର ଅଭିଯୁକ୍ତ ଧରାପଡ଼ିଛନ୍ତି। ସେହିପରି ଚୋରା ନିଶା କାରବାରର ଚେର ଖୋଜିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ସଦର ଥାନା ଝାରଗଡ଼ିଆ ଫାଣ୍ଡି ସଦରଦେଇପୁରରେ ୨୦୧୬ରେ ୮ ମାସର ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା କରି ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଥିଲେ। ଏଭଳି ନୃଶଂସ ହତ୍ୟାକାଣ୍ଡକୁ ଦୀର୍ଘ ୭ବର୍ଷ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ କୌଣସି ଆନ୍ତରିକତା ଦେଖାଇ ନ ଥିଲା। ଏହି ମାମଲାର ସମୀକ୍ଷା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜିଙ୍କଠାରୁ ଅନୁମତି ମିଳିବା ପରେ ଜିଲା ପୋଲିସର ଏକ ଟିମ୍ ଅଭିଯୁକ୍ତଙ୍କୁ ଧରିବାକୁ ମଧ୍ୟପ୍ରଦେଶ ଯାଇଥିଲା। ତେବେ ସେ ଭୁବନେଶ୍ୱରରେ ରହୁଥିବା ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନୁରୂପ ଭାବେ ପଦୋନ୍ନତି ପାଇଁ ସିସିଆର୍‌ରେ ଜିଲାପାଳଙ୍କ ଜାଲ ଦସ୍ତଖତ କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଆର୍‌ଆଇଙ୍କୁ ଗିରଫ କରିଛି। ୨୦୧୮ରେ ଏହି ମାମଲା ହୋଇଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସକୁ ୫ବର୍ଷ ଲାଗିଯିବା ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଆସିବା ପରେ ଅଭିଯୁକ୍ତ ଆର୍‌ଆଇ ଜଣକ ଢେଙ୍କାନାଳ, ଗଁଦିଆ, କାମାକ୍ଷାନଗର ଆଦି ତହସିଲରେ କାର୍ଯ୍ୟ କରିସାରିଥିବାବେଳେ ତାଙ୍କୁ ସାମାନ୍ୟତମ ପଚରାଉଚରା ପାଇଁ ଥାନାକୁ ନ ଡାକିବା ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଆହୁରି ଅନେକ ମାମଲା ବିଭିନ୍ନ ଥାନାରେ ପଡ଼ିଥିବାବେଳେ ସେସବୁର ସମାଧାନ କରିବା ଲାଗି ଉଦ୍ୟମ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ରହସ୍ୟଘେରରେ କପିଳାସ ମୂର୍ତ୍ତିଚୋରି

୨୦୧୬ କାର୍ତ୍ତିକ ପୂର୍ଣ୍ଣିମା ରାତିରେ କପିଳାସ ପୀଠରୁ ଚୋରି ହୋଇଥିଲା ୩ ପ୍ରାଚୀନ ମୂର୍ତ୍ତି। ରାଜ୍ୟରେ ଚହଳ ସୃଷ୍ଟି କରିଥିବା ଏହି ଘଟଣାକୁ ଇତିମଧ୍ୟରେ ୭ବର୍ଷ ବିତିଗଲାଣି। ହେଲେ ଏହା ଅଦ୍ୟାବଧି ରହସ୍ୟାବୃତ ହୋଇ ରହିଛି। ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠରୁ ମୂର୍ତ୍ତିଚୋରିକୁ ପୋଲିସ ଅତ୍ୟନ୍ତ ହାଲୁକା ଭାବେ ନେଇଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏଥିପୂର୍ବରୁ କୃଷ୍ଣକୁମାରପୁରସ୍ଥିତ ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମରୁ ମଧ୍ୟ ଅନୁରୂପ ଚୋରି ହୋଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ପାଖରେ ମଧ୍ୟ ପୋଲିସ ଅଦ୍ୟାବଧି ପହଞ୍ଚି ପାରିନାହିଁ। ଏଭଳି ଚର୍ଚ୍ଚିତ ଆପରାଧିକ ମାମଲାରେ ତଦନ୍ତ ବାଟବଣା ହେବା ଘଟଣାକୁ ଜିଲାର ବୁଦ୍ଧିଜୀବୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି।

## ଖୋଲାରେ ବୁଲୁଛନ୍ତି ଅଭିଯୁକ୍ତ

ଢେଙ୍କାନାଳ ଜିଲାର ବିଭିନ୍ନ ଥାନା, ଫାଣ୍ଡି ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ବ୍ୟକ୍ତି ଖୋଲାରେ ବୁଲୁଥିବାବେଳେ ପୋଲିସ ଗିରଫ କରୁ ନ ଥିବା ଅଭିଯୋଗ ହେଉଛି। ଭୁବନ ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ ହୋଇଥିଲା। ଅପରାଧ ଘଟାଇ ଅଭିଯୁକ୍ତ ନିର୍ଭୟରେ ବୁଲୁଛନ୍ତି। ହେଲେ ସ୍ଥାନୀୟ ପୋଲିସ ତାଙ୍କୁ ଗିରଫ କରୁ ନ ଥିବା ଗ୍ରାମବାସୀ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାପରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଏସ୍‌ପି ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ମୋ ପୋଲିସ ବ୍ୟବସ୍ଥାରେ ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ ଦେବା ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ହେଲେ ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ପୋଲିସ ପ୍ରଶାସନ ଉପରୁ ଲୋକଙ୍କୁ ଭରସା ଭାଙ୍ଗୁଛି। କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ପର୍ଶୁରାମ ଜୟନ୍ତୀ ପାଳିତ

**ଢେଙ୍କାନାଳ ଅଫିସ, ୨୪।୪**

ଢେଙ୍କାନାଳ ସଦର ବ୍ଲକ ମୁକ୍ତାଦେଇପୁର ଶାସନସ୍ଥିତ ସୋମନାଥେଶ୍ୱର ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଉତ୍କଳ ବ୍ରାହ୍ମଣ ଜାଗରଣ ମଞ୍ଚ ପକ୍ଷରୁ ରବିବାର ଶ୍ରୀପର୍ଶୁରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଡଭୋକେଟ୍ ଦେବକାନ୍ତ ମିଶ୍ର ସଭାପତିତ୍ୱ କରି ଦୈନନ୍ଦିନ ଜୀବନରେ ବ୍ରାହ୍ମଣମାନେ ଭୋଗୁଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବ୍ରାହ୍ମଣ ପରମ୍ପରା ରକ୍ଷା, ସଙ୍ଗଠନକୁ ସୁଦୃଢ଼ ଏବଂ ବ୍ୟାପକ ପ୍ରଚାର ପ୍ରସାର କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ସଭାରେ ପୂର୍ବତନ ଜିଲା ଓକିଲ ସଂଘ ସଭାପତି ଶିବସାଇ ମହାପାତ୍ର, ଆଇନଜୀବୀ ଦେବାଶିଷ ମିଶ୍ର, ଅଭିଜିତ୍ ମିଶ୍ର, ଦେବକାନ୍ତ ମିଶ୍ର, ପ୍ରଭାତ ମିଶ୍ର, ସଞ୍ଜୀବ ରଥ, ଆଲୋକ ରଥ, ଗୌରୀଶଙ୍କର ରଥ, ଅଶୋକ ରଥ, ବିରଞ୍ଚି ନାରାୟଣ ରଥ, ପାର୍ଥସାରଥି ରଥ, ମାନସ ତ୍ରିପାଠୀ, ସନ୍ତୋଷ ତ୍ରିପାଠୀ, ସୂର୍ଯ୍ୟନାରାୟଣ ଦାସ, ଶୁଭ୍ରାଂଶୁ ଦାସ, ଅସିତ୍ ମିଶ୍ର, ବିଜୟ ଦାସ, ରାଜେନ୍ଦ୍ର ଦାସ, ମୁକ୍ତିସ୍ୱରୂପ ପାଣି, ତ୍ରୈଲୋକ୍ୟ ମୋହନ ମିଶ୍ର, ଚନ୍ଦ୍ରଶେଖର ତ୍ରିପାଠୀ, ପ୍ରଦ୍ୟୁମ୍ନ ମିଶ୍ର, ସୁଜିତ୍ ମିଶ୍ର, ଶ୍ରୀଦୀପ୍ ପାଣି, ସୁଧୀର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ସଙ୍ଗଠନର କର୍ମକର୍ତ୍ତାମାନେ।

# ସମ୍ବଲପୁର ହିଂସା ଘଟଣାକୁ ନିନ୍ଦା


ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଢେଙ୍କାନାଳ ହିନ୍ଦୁ ଏକତା ମଞ୍ଚର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ/ଭୁବନ/ କାମାକ୍ଷାନଗର, ୨୪।୪(ଡି.ଏନ୍.ଏ.)**

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ହୋଇଥିବା ହିଂସାକାଣ୍ଡକୁ ଢେଙ୍କାନାଳ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ନିନ୍ଦା କରାଯାଇଛି। ସଂଖ୍ୟାଗରିଷ୍ଠ ହିନ୍ଦୁଙ୍କ ସୁରକ୍ଷା ପ୍ରତି ହେୟ ମନୋଭାବର ପ୍ରତିବାଦ କରାଯିବା ସହ ଜାତୀୟ ସଂହତି ଭଙ୍ଗ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ପ୍ରଶାନ୍ତ ମିଶ୍ର, ହୃଦାନନ୍ଦ ଶତପଥୀ, ଅଶୋକ ଭଞ୍ଜ, ରଘୁନାଥ ପଣ୍ଡା, ପବିତ୍ର ମୋହନ ଦାସ, ଅଞ୍ଜନ ହୋତା, ରାଜେଶ ସାହୁ, ବିଶ୍ୱନାଥ ସାହୁ, ବସନ୍ତ ନାୟକ, ଅନିତା ସ୍ୱାଇଁ, ସୁରେଶ ଖୁଣ୍ଟିଆ, ମମତା ନାୟକ, ମମତା ବେହେରା ପ୍ରମୁଖ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

ସେହିପରି ଭୁବନ ହିନ୍ଦୁ ସମାଜ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଭୁବନ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ସ୍ଥାନୀୟ ରାମମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ମଳୟ ତ୍ରିପାଠୀ, ସୁରେନ୍ଦ୍ର ପୃଷ୍ଟି, ଦିଲୀପ ଦାସ, ହୃଷୀକେଶ ସାହୁ, ଧୀରେନ୍ଦ୍ର ପୃଷ୍ଟି, ଜଗବନ୍ଧୁ ବିହାରୀ, ଜଗବନ୍ଧୁ ପୃଷ୍ଟି, ନିରଞ୍ଜନ ଗୁରୁ, ରତିକାନ୍ତ ସେନାପତି, ସରୋଜ ସାହୁ, ନିର୍ମଳ ଗୁରୁ, ସନ୍ଦୀପ ଦାସ, ସନ୍ତୋଷ ବିହାରୀ, ସନ୍ତୋଷ ରାଉଳ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। କାମାକ୍ଷାନଗର ହିନ୍ଦୁ ସମାଜ ପକ୍ଷରୁ ସହରରେ ଶୋଭାଯାତ୍ରା କରାଯିବା ସହ ଉପଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ୯ କୋଟି ଅଟକଳ, ୨ ଥାକିଆ ହେବ

## ଭୁବନ ପୂର୍ତ୍ତ ବିଭାଗ ରାସ୍ତାକାମ ଆରମ୍ଭ

**ଭୁବନ, ୨୪।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ସହର ଉପକଣ୍ଠ ୫୩ନଂ. ଜାତୀୟ ରାଜପଥର ନୀଳମାଧବ ପେଟ୍ରୋଲ ପମ୍ପଠାରୁ କାଳୀବଜାର ଦେଇ ଜେଏମ୍‌ଏଫ୍‌ସି କୋର୍ଟକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ୨ ଥାକିଆ ହେବ। ଏଥିଲାଗି ୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ସୋମବାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ନଗରପାଳ ଶୁଭେନ୍ଦୁ ସାହୁ ଆନୁଷ୍ଠାନିକ ଭାବେ ନଡ଼ିଆ ଭାଙ୍ଗି ସଡ଼କ ତିଆରି କାମର ଶୁଭାରମ୍ଭ କରିଥିଲେ।

ଭୁବନର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ କାଳୀବଜାର ଦେଇ ଏହି ରାସ୍ତା ନିର୍ମାଣ ହେଉଥିବାରୁ ବ୍ୟବସାୟୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇଛି। ରାସ୍ତାକାମ ଶେଷ ହେବା ପର୍ଯ୍ୟନ୍ତ ସହରବାସୀ ଏଥିରେ ସହଯୋଗ କରିବାକୁ ନଗରପାଳ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ରାଜୀବଲୋଚନ ବେହେରା, ରାଜସ୍ୱ ନିରୀକ୍ଷକ ଅରବିନ୍ଦ ସାହୁଙ୍କ ସମେତ ବିଦ୍ୟୁତ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ ଅଧିକାରୀ ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।


ନଗରପାଳ ନଡ଼ିଆ ଭାଙ୍ଗି ରାସ୍ତାକାମର ଶୁଭାରମ୍ଭ କରୁଛନ୍ତି।

# ଶନିଶ୍ଚର ଯଜ୍ଞ ପୂର୍ଣ୍ଣାହୁତି

**ଢେଙ୍କାନାଳ ଅଫିସ, ୨୪।୪**


କାର୍ଯ୍ୟକ୍ରମରେ ପୂଜକ, କର୍ତ୍ତା ଏବଂ ଅନ୍ୟମାନେ।

ଢେଙ୍କାନାଳ ବଡ଼ଯୋରାସ୍ଥିତ ଶ୍ରୀଶନିଶ୍ଚର ମହାପ୍ରଭୁଙ୍କ ପୀଠରେ ଚାଲିଥିବା ଅଷ୍ଟମ ବାର୍ଷିକ ଉତ୍ସବ ଏବଂ ଶନିଶ୍ଚର ଯଜ୍ଞର ପୂର୍ଣ୍ଣାହୁତି ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଳସଯାତ୍ରା, ମଙ୍ଗଳାରୋପଣ, ସୂର୍ଯ୍ୟପୂଜା, ଗୁରୁପୂଜା, ଚଣ୍ଡୀପାଠ, ଗୀତାପାଠ, ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ହାଟରୋଡ୍ ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ଭଜନକୀର୍ତ୍ତନ ପରିବେଷଣ କରାଯାଇଥିଲା। ମୁଖ୍ୟ ପୁରୋହିତ ଶରତ ଆଚାର୍ଯ୍ୟ, ସହଯୋଗୀଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମନ୍ଦିର ପୂଜକ ପ୍ରଶାନ୍ତ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗଜାନନଙ୍କ ବିଗ୍ରହ ସ୍ଥାପନ

**ଭୁବନ, ୨୪।୪(ଡି.ଏନ.ଏ.)**

ଭୁବନ ବ୍ଲକ ସୁରପ୍ରତାପପୁରସ୍ଥିତ ଶ୍ରୀ ଅରବିନ୍ଦ ସରକାରୀ ହାଇସ୍କୁଲରେ ସୋମବାର ବିଦ୍ୟାଦାତା ଶ୍ରୀଗଜାନନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗରେ ସ୍କୁଲ ପ୍ରବେଶପଥରେ ଠାକୁରଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲ ସମସ୍ୟା ଉପରେ ଆଲୋଚନା କରାଯିବା ସହ ଏହାର ସମାଧାନ ଲାଗି ଦାବି ଉପସ୍ଥାପନ କରାଯାଇଥିଲ। ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ କର



କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷଙ୍କ ସମେତ ଅନ୍ୟମାନେ।

**ସାତମାଇଲ, ୨୪।୪(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା କଲେଜ ରାଜନୀତି ବିଜ୍ଞାନ (ସମ୍ମାନ) ବିଭାଗ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ଅଧ୍ୟାପିକା ରୁମଲି ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କଲେଜ ଅଧ୍ୟକ୍ଷ ମହେଶ୍ୱର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସୁନାଗରିକ ହୋଇ ନିଜର ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ କରିବା ସହ ରାଷ୍ଟ୍ର ଗଠନରେ ବ୍ରତୀ ହେବାକୁ ସେ ବିଦାୟୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷା ବିଭାଗ ଅଧ୍ୟାପକ ସଞ୍ଜୟ କୁମାର ନାୟକ, ସଂସ୍କୃତ ବିଭାଗ ଅଧ୍ୟାପକ କବିରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ପାଇଁ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ଛାତ୍ରୀ ମଧୁସ୍ମିତା ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ଅନିତଅଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଲା ପ୍ରସାରରେ ସହଯୋଗ ଲୋଡ଼ା

**ଢେଙ୍କାନାଳ ଅଫିସ, ୨୪।୪**

ଢେଙ୍କାନାଳ ସଦର ବ୍ଲକ ବଡ଼ନାଗେନାସ୍ଥିତ ଶ୍ରୀ ନାଗନାଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜିଲାସ୍ତରୀୟ ପାଲାଗାୟକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ ଯୋଗଦେଇ କହିଲେ, ପାଲା ସଂସ୍କୃତିର ସୁରକ୍ଷା ଏବଂ ପ୍ରସାରରେ ସମସ୍ତଙ୍କ ସହଯୋଗ ଲୋଡ଼ା। ଫଳରେ ଏହି ପାରମ୍ପରିକ ଲୋକକଳାର ପ୍ରଭାବ ସୁଦୂରପ୍ରସାରୀ ହୋଇପାରିବ। ଆଞ୍ଚଳିକ ଉନ୍ନୟନ ପରିଷଦ ସଭାପତି ସୁଦାମ ଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ କାଳିନ୍ଦୀ ବାରିକ, ଚାଉଳିଆ ସରପଞ୍ଚ ବାବୁଲି ରାଉତ, ଜିଲା ପାଲାଗାୟକ ସଂଘ ସଭାପତି ସୁରେନ୍ଦ୍ର ମିଶ୍ର, ସମ୍ପାଦକ ଦୁର୍ଗାଚରଣ ମହାପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ରଙ୍କୁ ‘ଶୈବଶ୍ରୀ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ପାଲାଗାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ଅଶୋକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ସମ୍ବର୍ଦ୍ଧିତ ହୋଇଥିବା ପାଲା ଗାୟକମାନେ।

# ‘ଭାଷା ସୁରକ୍ଷା ପାଇଁ ସମର୍ପିତ ହୁଅ’

**ଢେଙ୍କାନାଳ ଅଫିସ, ୨୪।୪**


ଜୟଦେବ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଢେଙ୍କାନାଳ ଜିଲା ସଂସ୍କୃତି ପରିଷଦ ଏବଂ ଭାରତୀୟ ସଙ୍ଗୀତ ନିଳୟ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଲେଖକ ସଂସଦ ପରିସରରେ ‘ଗୀତଗୋବିନ୍ଦ’ର ସ୍ରଷ୍ଟା କବି ଜୟଦେବଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱାନ ଯୋଗଦେଇ ମାତୃଭାଷାର ସୁରକ୍ଷା ପାଇଁ ସମର୍ପିତ ହେବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଆ ପରମ୍ପରା, ଜଗନ୍ନାଥ ସଂସ୍କୃତି, ନୃତ୍ୟ, ସଙ୍ଗୀତକୁ ‘ଗୀତଗୋବିନ୍ଦ’ରେ ସ୍ଥାନିତ କରି କବି ଜୟଦେବ ମହାନ୍ ହୋଇପାରିଛନ୍ତି। ତାଙ୍କ ଜଗନ୍ନାଥ ପ୍ରେମର ପଟ୍ଟାନ୍ତର ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ।

ଡ. ସୁଚେତା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ଜିଲା ସଦସ୍ୟା ଡ. ପୁଷ୍ପଲତା ରଥ, ଭଗବାନ ଗୁରୁ ପ୍ରମୁଖ ଯୋଗଦେଇ କବି ଜୟଦେବଙ୍କ କୃତି ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆର୍ଯ୍ୟକବି ଡ. ପ୍ରମୋଦ କୁମାର ମିଶ୍ରଙ୍କୁ ‘ଗୀତଗୋବିନ୍ଦ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ‘ଭାରତୀୟ ସଙ୍ଗୀତ ନିଳୟ’ ନିର୍ଦ୍ଦେଶକ ଗୁରୁ ଯାମିନୀ ରଞ୍ଜନ ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିପୂର୍ବରୁ ଲେଖକ ସଂସଦ ପକ୍ଷରୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଗୀତଗୋବିନ୍ଦ, ଓଡ଼ିଆ ସଙ୍ଗୀତ ଆସର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

